ହାର୍ଟୱେଲ୍ ପ୍ରେସ୍କଟ୍ ସିଂ

ବନାମ

ଉତ୍ତର ପ୍ରଦେଶ ସରକାର ଏବଂ ଅନ୍ୟମାନେ

1957

*ସେପ୍ଟେମ୍ବର 19*

(ପ୍ରଧାନ ନ୍ୟାୟାଧୀଶ ଏସ୍. ଆର୍. ଦାସ, ଭେଙ୍କଟରାମା ଆୟାର, ଜାଫର୍ ଇମାମ, ଏ. କେ. ସରକାର ଏବଂ ଭିଭିଆନ୍ ବୋଷ, ନ୍ୟାୟମୂର୍ତ୍ତିବୃନ୍ଦ)

*ସରକାରୀ କର୍ମଚାରୀ-ଅସ୍ଥାୟୀ ନିଯୁକ୍ତି-ଉଚ୍ଚ ପଦବୀରେ କାର୍ଯ୍ୟରତ-ପଦାବନତି ଆଦେଶ-ପାହ୍ୟାରେ ହ୍ରାସ ହୋଇଛି କି-ଜୋରିମାନା ମାଧ୍ୟମରେ ପଦାବନତି ପାଇଁ ଆବେଦନକାରୀଙ୍କୁ ପ୍ରମାଣ କରିବାକୁ ହେବ- ସେବା ନିୟମାବଳୀ ଅନୁଯାୟୀ ସେବାରୁ ଅବସାନ କରିବା-ବିଧିମାନ୍ୟତା-ବରଖାସ୍ତ କିମ୍ବା-ଅପସାରଣ-କି -ଭାରତର ସମ୍ବିଧାନ, ଅନୁଚ୍ଛେଦ 311 ।*

ଉତ୍ତର ପ୍ରଦେଶର ଅଧିନସ୍ଥ କୃଷି ସେବାରେ ଅସ୍ଥାୟୀ ଭାବେ ପଦବୀଧାରୀ ଥିବା ଏବଂ ପଦକ୍ରମ ତାଲିକାରେ ଶିକ୍ଷାନିବେଶ ଭାବେ ଦର୍ଶାଯାଇଥିବା ଆବେଦନକାରୀଙ୍କୁ ସଂଯୁକ୍ତ ପ୍ରଦେଶର ଲୋକସେବା ଆୟୋଗର ଅନୁମୋଦନ କ୍ରମେ ଏହି ସେବାରେ କୃଷି ବିଭାଗୀୟ ଅଧୀକ୍ଷକ ଦ୍ୱିତୀୟ ଶ୍ରେଣୀରେ ଭାବେ ନିଯୁକ୍ତି ଦିଆଯାଇଥିଲା, ପ୍ରାୟ 10 ବର୍ଷ ଧରି ଏହି ପଦବୀରେ ରହିବା ପରେ ତାଙ୍କ ପ୍ରତିବାଦକୁ ଦୃଷ୍ଟିରେ ରଖି ତାଙ୍କୁ ତାଙ୍କ ମୂଳ ଅସ୍ଥାୟୀ ନିଯୁକ୍ତିକୁ ଫେରାଇ ଦିଆଯାଇଥିଲା । ଏହାପରେ ଅଧିନସ୍ଥ କୃଷି ସେବାର ନିୟମାବଳୀର ନିୟମ 25, ଖଣ୍ଡ(4) ଅନୁଯାୟୀ ଏକ ମାସର ବିଜ୍ଞପ୍ତି ଦେଇ ତାଙ୍କର ସେବା ଅବସାନ କରାଯାଇଥିଲା ।

ଆବେଦନକାରୀ ଯୁକ୍ତି କରିଥିଲେ ଯେ, ସମ୍ବିଧାନର ଅନୁଚ୍ଛେଦ 311 ଅସ୍ଥାୟୀ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ, କାରଣ ସରକାରଙ୍କ ଅଧୀନରେ ଥିବା ଏହା ଏକ ବେସାମରିକ ପଦବୀ ଥିଲା, ଯାହା ସେବା ସମାପ୍ତ କରିବା ତାଙ୍କ ପଦରୁ ବହିଷ୍କାର କିମ୍ବା ଅପସାରଣ ସହିତ ସମାନ, କାରଣ ଏହା ଅଦକ୍ଷତା ଏବଂ ଅସନ୍ତୁଷ୍ଟ କାର୍ଯ୍ୟର ଦୋଷାରୋପଣ କରେ ଏବଂ ତାଙ୍କ ମୂଳ ପଦକୁ ଫେରିବା ପାଇଁ ଆଦେଶ ଏକ ପାହ୍ୟାରେ ହ୍ରାସ ସହିତ ସମାନ, ଯେହେତୁ ଏହା ଦଣ୍ଡ ସ୍ୱରୂପ ଥିଲା ।

*ନିର୍ଣ୍ଣୟ ହୋଇଥିଲା ଯେ,* କୌଣସି ବ୍ୟକ୍ତିଙ୍କ ଦ୍ୱାରା ଅସ୍ଥାୟୀ ଭାବେ ରଖାଯାଇଥିବା ପଦବୀରୁ ପଦାବନତି ପାହ୍ୟାରେ ହ୍ରାସ ସହ ସମାନ ନୁହେଁ । ପଦବୀରେ ପଦାବନତି ପଦବୀରେ ହ୍ରାସ କି ନୁହେଁ ତାହା ସ୍ଥିର କରିବା ପାଇଁ, ପଦବୀ ନିଶ୍ଚିତ ଭାବରେ ଏକ ମୂଳ ପାହ୍ୟାର ହେବା

ଆବଶ୍ୟକ ଏବଂ ଏହା ମଧ୍ୟ ନିର୍ଦ୍ଧାରିତ କରାଯିବା ଆବଶ୍ୟକ ଯେ ପଦାବନତି ଆଦେଶ ଦଣ୍ଡ ସ୍ୱରୂପରେ ଥିଲା ।

ସେବାର ସମାପ୍ତି ସମ୍ବିଧାନର ଅନୁଚ୍ଛେଦ 311ର ଅର୍ଥରେ ବହିଷ୍କାର କିମ୍ବା ସେବାରୁ ଅପସାରଣ ନୁହେଁ, ଯଦି ଏହା ସେବା ସର୍ତ୍ତାବଳୀର ସର୍ତ୍ତ ଅନୁଯାୟୀ ହୋଇଥାଏ ।" ଚୁକ୍ତିର ସର୍ତ୍ତାବଳୀ " ଏବଂ " ସେବା ସର୍ତ୍ତାବଳୀ " ଅନୁସାରେ ସେବା ସମାପ୍ତ କରିବା ମଧ୍ୟରେ କୌଣସି ସ୍ପଷ୍ଟ ପ୍ରଭେଦ ନାହିଁ ।

*ସତୀଶ ଚନ୍ଦ୍ର ଆନନ୍ଦ ବନାମ ଭାରତ ସଂଘ, (1953) S.C.R. 688, ଏବଂ ଶ୍ୟାମ ଲାଲ ବନାମ ଉତ୍ତର ପ୍ରଦେଶ ରାଜ୍ୟ, (1955) 1 S.C.R. 26, ଉଲ୍ଲେଖ କରାଯାଇଛି ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 100/1957 ।

ଆହ୍ଲାବାଦ ଉଚ୍ଚନ୍ୟାୟାଳୟର ଦେୱାନୀ ବିବିଧ ଆବେଦନ O.J. ସଂଖ୍ୟା 120/1954 ରେ 1955 ମସିହା ଅକ୍ଟୋବର 21 ତାରିଖର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଆବେଦନ ।

ଆବେଦନକାରୀମାନଙ୍କ ପକ୍ଷରୁ *ଏସ୍. ଏନ୍. ଆଣ୍ଡଲେ, ରାମେଶ୍ୱର ନାଥ* ଏବଂ *ପି. ଏଲ୍. ଭୋହରା* ।

ଉତ୍ତରଦାତାଙ୍କ ପକ୍ଷରୁ *ଜି. ସି. ମାଥୁର* ଏବଂ *ସି. ପି. ଲାଲ* ।

1957.ସେପ୍ଟେମ୍ବର 19 । ନ୍ୟାୟାଳୟର ନିମ୍ନଲିଖିତ ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି ଇମାମ

ନ୍ୟାୟମୂର୍ତ୍ତି ଇମାମଙ୍କ ଦ୍ୱାରା-ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଆବେଦନକାରୀଙ୍କ ଆବେଦନକୁ ଖାରଜ କରିଥିବା ଆହ୍ଲାବାଦ ଉଚ୍ଚନ୍ୟାୟାଳୟଙ୍କ ନିର୍ଣ୍ଣୟ ବିରୁଦ୍ଧରେ ବିଶେଷ ଅନୁମତି ଦ୍ୱାରା ଏହା ଏକ ଆବେଦନ ।

ଉତ୍ତର ପ୍ରଦେଶ ସରକାରଙ୍କ କୃଷି ନିର୍ଦ୍ଦେଶକଙ୍କ ବ୍ୟକ୍ତିଗତ ସହାୟକ ଏବଂ ଆବେଦନକାରୀ ଉଚ୍ଚନ୍ୟାୟାଳୟରେ ଦାଖଲ କରିଥିବା ସତ୍ୟପାଠରୁ ଜଣାପଡୁଛି ଯେ, ଆବେଦନକାରୀଙ୍କୁ ସମୟ ସମୟରେ କୃଷି ନିର୍ଦ୍ଦେଶକଙ୍କ ଦ୍ୱାରା ଉତ୍ତର ପ୍ରଦେଶ ସରକାରଙ୍କ ଅଧସ୍ତନ କୃଷି ସେବାରେ ଅସ୍ଥାୟୀ

କ୍ଷମତାରେ ନିଯୁକ୍ତ କରାଯାଇଥିଲା । ସେ ନିମ୍ନରେ ଦିଆଯାଇଥିବା ବିସ୍ତୃତ ସମୟ ମଧ୍ୟରେ ସେହି ସେବାରେ କାର୍ଯ୍ୟ କରିଥିଲେ :-

( a ) *ଅଧସ୍ତନ କୃଷି ସେବାର ଦ୍ୱିତୀୟ ଶ୍ରେଣୀରେ :*

(i) ନଭେମ୍ବର 16,1936ରୁ ମାର୍ଚ୍ଚ 18, 1937 ପର୍ଯ୍ୟନ୍ତ ।

(ii) 1937 ମସିହା ଏପ୍ରିଲ 1 ତାରିଖରୁ 1937 ମସିହା ଜୁନ 29 ତାରିଖ ପର୍ଯ୍ୟନ୍ତ ।

(iii) ଅଗଷ୍ଟ 9,1937ରୁ ଡିସେମ୍ବର 31, 1937 ପର୍ଯ୍ୟନ୍ତ ।

(iv) ଜାନୁଆରୀ 6,1938ରୁ ଫେବୃଆରୀ 22, 1943 ପର୍ଯ୍ୟନ୍ତ ।

( b ) *ଅଧସ୍ତନ କୃଷି ସେବାର ପ୍ରଥମ ଶ୍ରେଣୀରେ* :

1943 ମସିହା ଫେବୃଆରୀ 23ରୁ 1944 ମସିହା ଏପ୍ରିଲ 24 ପର୍ଯ୍ୟନ୍ତ ।

ସେ ଅଧସ୍ତନ କୃଷି ସେବାରେ ଥିବାବେଳେ, ସଂଯୁକ୍ତ ପ୍ରଦେଶର ଲୋକସେବା ଆୟୋଗଙ୍କ ଅନୁମୋଦନ କ୍ରମେ, 1944 ମସିହା ଏପ୍ରିଲ ମାସ 25 ତାରିଖ ଠାରୁ ସେ ସଂଯୁକ୍ତ ପ୍ରଦେଶର କୃଷି ସେବା, ଦ୍ୱିତୀୟ ଶ୍ରେଣୀରେ କୃଷି ବିଭାଗୀୟ ଅଧିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ । ଯେତେବେଳେ ତାଙ୍କୁ ମେ 3,1954 ରେ ଉତ୍ତର ପ୍ରଦେଶ ସରକାରଙ୍କ ଏକ ଆଦେଶ ଦ୍ୱାରା ଅଧସ୍ତନ କୃଷି ସେବାରେ ତାଙ୍କର ମୂଳ ନିଯୁକ୍ତିକୁ ଫେରାଇ ଦିଆଯାଇଥିଲା, ସେତେବେଳେ ସେ ସଂଯୁକ୍ତ ପ୍ରଦେଶର କୃଷି ସେବାର ଦ୍ୱିତୀୟ ଶ୍ରେଣୀରେ ଅସ୍ଥାୟୀ କ୍ଷମତାରେ ପ୍ରାୟ ଦଶ ବର୍ଷ ଧରି କାର୍ଯ୍ୟ କରିଥିଲେ । ଆବେଦନକାରୀ ତାଙ୍କ ପଦାବନତିକୁ ବିରୋଧ କରିଥିଲେ ଏବଂ ମେ 16,1954 ରେ ଦାୟିତ୍ୱ ହସ୍ତାନ୍ତର କରିଥିଲେ ଏବଂ ଅକ୍ଟୋବର 2, 1954 ପର୍ଯ୍ୟନ୍ତ ଛୁଟିରେ ଥିଲେ । ଇତି ମଧ୍ୟରେ, କୃଷି ନିର୍ଦ୍ଦେଶକଙ୍କ ଦ୍ୱାରା ଅଧୀନସ୍ଥ କୃଷି ସେବାରେ ଆବେଦନକାରୀଙ୍କ ସେବାକୁ ସମାପ୍ତ କରିବା ପାଇଁ ସେପ୍ଟେମ୍ବର 13, 1954 ରେ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା । ଏହି ବିଜ୍ଞପ୍ତି ଅଧସ୍ତନ କୃଷି ସେବା ନିୟମାବଳୀର ନିୟମ 25 ଖଣ୍ଡ(4) ଅନୁଯାୟୀ ଥିଲା । ଏହି ବିଜ୍ଞପ୍ତିରେ କୁହାଯାଇଛି ଯେ ଆବେଦନକାରୀଙ୍କ ସେବାଗୁଡିକ ତାଙ୍କ ସେବା ସମାପ୍ତ କରିବା ଆଦେଶ ଜାରି ହେବାର ଏକ ମାସ ଶେଷ ହେବା ପରେ ଆବଶ୍ୟକ ହେବ ନାହିଁ । ଆବେଦନକାରୀ ତାଙ୍କ ସେବାଗୁଡିକର ପଦାବନତି ଏବଂ ସମାପ୍ତିର ଉପରୋକ୍ତ ଆଦେଶର ବୈଧତାକୁ ଆପତ୍ତି କରିଥିଲେ । ଉଚ୍ଚ ନ୍ୟାୟାଳୟ ତାଙ୍କ ଆବେଦନକୁ ଖାରଜ କରି ଏହି ଉପସଂହାରରେ ପହଞ୍ଚିଲେ

1957
ହାର୍ଟୱେଲ୍ ପ୍ରେସ୍କଟ୍ ସିଂ
ବନାମ
ଉତ୍ତର ପ୍ରଦେଶ ସରକାର ଏବଂ
ଅନ୍ୟମାନେ
ନ୍ୟାୟମୂର୍ତ୍ତି ଇମାମ

ଯେ ଆବେଦନକାରୀଙ୍କୁ ଚାକିରିରୁ ବରଖାସ୍ତ କିମ୍ବା ଅପସାରଣ କରାଯାଇନଥିଲା ଏବଂ ମାମଲାର ପରିସ୍ଥିତିରେ ସମ୍ବିଧାନର ଅନୁଚ୍ଛେଦ 311 ଲାଗୁ ହେଲା ନାହିଁ । ଏହି ନ୍ୟାୟାଳୟରେ ଆବେଦନ କରିବା ପାଇଁ ମାମଲାଟି ଉପଯୁକ୍ତ ବୋଲି ପ୍ରମାଣପତ୍ର ପ୍ରଦାନ ପାଇଁ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଉଚ୍ଚନ୍ୟାୟାଳୟ ଖାରଜ କରିଦେଇଥିଲେ ।

ଆମ ସମ୍ମୁଖରେ ଆବେଦନକାରୀଙ୍କ ତରଫରୁ ଏହା ସ୍ୱୀକାର କରାଯାଇଛି ଯେ କୌଣସି ସମୟରେ ତାଙ୍କୁ ଅଧୀନସ୍ଥ କୃଷି ସେବାରେ କିମ୍ବା ମିଳିତ ପ୍ରଦେଶ କୃଷି ସେବା ଦ୍ୱିତୀୟ ଶ୍ରେଣୀରେ କୌଣସି ପଦବୀରେ ସୁନିଶ୍ଚିତ କରାଯାଇନାହିଁ । ଆମ ମତରେ, ତଥ୍ୟ ଉପରେ ଆଧାର କରି ଉଚ୍ଚ ନ୍ୟାୟାଳୟର ଏହି ସିଦ୍ଧାନ୍ତ ଯେ ତାଙ୍କୁ ଅଧସ୍ତନ କୃଷି ସେବାର ସଦସ୍ୟ ଭାବରେ ନିଶ୍ଚିତ କରାଯାଇଥିଲା ବୋଲି ଆବେଦନକାରୀ ଏହାକୁ ପ୍ରମାଣିତ କରିବାରେ ବିଫଳ ହୋଇଥିଲେ,ଏହା ଏକ ସଠିକ୍ ବିଚାର ଥିଲା । ଉଚ୍ଚ ନ୍ୟାୟାଳୟର ପରବର୍ତ୍ତୀ ସିଦ୍ଧାନ୍ତ ଯେ ଆବେଦନକାରୀଙ୍କ ଯୁକ୍ତି ଯେ ତାଙ୍କୁ ସଂଯୁକ୍ତ ପ୍ରଦେଶ କୃଷି ସେବାର ସ୍ଥାୟୀ ସଂବର୍ଗରେ ଅନ୍ତର୍ଭୁକ୍ତ କରାଯାଇଥିଲା ତାହା ପ୍ରମାଣିତ ହୋଇନାହିଁ, ତାହା ମଧ୍ୟ ନଥିରେ ଥିବା ତଥ୍ୟ ଉପରେ ଏକ ସଠିକ୍ ବିଚାର ବୋଲି ଆମକୁ ମନେହୁଏ ।

ଆବେଦନକାରୀଙ୍କ ମାମଲାର ବିଚାର କରିବା ସମୟରେ ଆମକୁ ଏହା ମାନିବାକୁ ହେବ ଯେ, ଆବେଦନକାରୀଙ୍କୁ କେବେ ହେଲେ ସଂଯୁକ୍ତ ପ୍ରଦେଶ କୃଷି ସେବା କିମ୍ବା ଅଧସ୍ତନ କୃଷି ସେବାରେ ସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇନଥିଲା । ସବୁ ସମୟରେ ସେ ଅସ୍ଥାୟୀ ଭାବେ କାମ କରୁଥିଲେ । ଶ୍ରୀଯୁକ୍ତ ଆଣ୍ଡଲେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି କରିଥିଲେ ଯେ, ସମ୍ବିଧାନର ଅନୁଚ୍ଛେଦ 311 ଅସ୍ଥାୟୀ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ କାରଣ ଆବେଦନକାରୀ ଉତ୍ତର ପ୍ରଦେଶ ସରକାରଙ୍କ ଅଧୀନରେ ଏକ ବେସାମରିକ ପଦବୀରେ ରହିଥିଲେ ଯଦିଓ ସେ ସେହି ରାଜ୍ୟର ବେସାମରିକ ସେବାର ସଦସ୍ୟ ହୋଇନଥାଇପାରନ୍ତି । ତାଙ୍କର ସେବା ସମାପ୍ତ କରିବାର ଆଦେଶ ତାଙ୍କ ପଦରୁ ବହିଷ୍କାର କିମ୍ବା ଅପସାରଣ ସହିତ ସମାନ ଥିଲା କାରଣ ଏହା ଅଦକ୍ଷତାର ଦୋଷାରୋପଣ ଏବଂ ଅସନ୍ତୁଷ୍ଟ କାର୍ଯ୍ୟର ବର୍ଣ୍ଣନା କରିଥିଲା ଏବଂସଂଯୁକ୍ତ ପ୍ରଦେଶ କୃଷି ସେବାରେ ତାଙ୍କ ଦ୍ୱାରା ଧାରଣ କରାଯାଇଥିବା ପଦରୁ ତାଙ୍କୁ ଅଧସ୍ତନ କୃଷି ସେବାରେ ତାଙ୍କର ମୂଳ ନିଯୁକ୍ତିକୁ ଫେରାଇବାର ଆଦେଶ ତାଙ୍କ ପଦବୀରେ ହ୍ରାସ ସହିତ ସମାନ ଥିଲା, କାରଣ ଏହା ଦଣ୍ଡ ପ୍ରଦାନ ସ୍ୱରୂପ ଥିଲା । ଅନୁଚ୍ଛେଦ 311ର ବାଧ୍ୟତାମୂଳକ ବ୍ୟବସ୍ଥା ଆବେଦନକାରୀଙ୍କ ବିରୋଧରେ ପାରିତ ହୋଇଥିବା ଉପରୋକ୍ତ ଆଦେଶକୁ ପାଳନ ନକରିବା ବେଆଇନ ଥିଲା । ତେଣୁ ବିଚାର ପାଇଁ ପ୍ରଶ୍ନ ହେଉଛି, ଆବେଦନକାରୀଙ୍କ ସେବାକୁ ସମାପ୍ତ କରିବା ଏବଂ ତାଙ୍କୁ ଅଧସ୍ତନ କୃଷି ସେବାରେ

ତାଙ୍କର ମୂଳ ନିଯୁକ୍ତିକୁ ପଦାବନତି ଆଦେଶ ସମ୍ବିଧାନର ଅନୁଚ୍ଛେଦ 311ର ବ୍ୟବସ୍ଥାର ଅର୍ଥ ମଧ୍ୟରେ ପଦବୀରେ ଅପସାରଣ, ବରଖାସ୍ତ କିମ୍ବା ପାହ୍ୟାରେ ହ୍ରାସ ସହିତ ସମାନ କି?

*ସତୀଶ ଚନ୍ଦ୍ର ଆନନ୍ଦ ବନାମ ଭାରତ ସଂଘ*[1] *ଏବଂ ଶ୍ୟାମ ଲାଲ ବନାମ ଉତ୍ତର ପ୍ରଦେଶ ରାଜ୍ୟ* [2]ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତି ସ୍ପଷ୍ଟ ଭାବେ ପ୍ରମାଣିତ କରେ ଯେ ସରକାରଙ୍କ ଦ୍ୱାରା ନିଯୁକ୍ତ ବ୍ୟକ୍ତିଙ୍କ ସେବା ସମାପ୍ତ କରିବା ସମସ୍ତ ମାମଲାରେ ଚାକିରିରୁ ବରଖାସ୍ତ କିମ୍ବା ଅପସାରଣ ନୁହେଁ । ପୂର୍ବ ମାମଲାରେ ଚୁକ୍ତିର ସର୍ତ୍ତ ଅନୁସାରେ ପରିସମାପ୍ତି ଦେବା ଏବଂ ପରବର୍ତ୍ତୀ ମାମଲାରେ ବେସାମରିକ ସେବା ନିୟମର ଅନୁଚ୍ଛେଦ 465A ଅନୁଯାୟୀ ଏକ ସେବାର ସଦସ୍ୟଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା । ଏହି ଅଦାଲତ ନିର୍ଣ୍ଣୟ କରିଛନ୍ତି ଯେ କୌଣସି କ୍ଷେତ୍ରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସେବା ସମାପ୍ତ କରିବା, ସମ୍ବିଧାନର ଅନୁଚ୍ଛେଦ 311 ର ଅର୍ଥ ମଧ୍ୟରେ ଚାକିରିରୁ ବରଖାସ୍ତ କିମ୍ବା ଅପସାରଣ କରିବା ସମାନ ନୁହେଁ । ବର୍ତ୍ତମାନର ମାମଲାରେ ଆବେଦନକାରୀ ଅଧସ୍ତନ କୃଷି ସେବାରେ ଏକ ଅସ୍ଥାୟୀ କ୍ଷମତାରେ ନିଯୁକ୍ତ ହୋଇଥିଲେ ଏବଂ ପଦକ୍ରମ ତାଲିକାରେ ଶିକ୍ଷାନବିସ ଭାବେ ଦର୍ଶାଯାଇଥିଲା । ତାଙ୍କର ସେବା ସର୍ତ୍ତାବଳୀ ଅଧସ୍ତନ କୃଷି ସେବା ନିୟମାବଳୀ ଦ୍ୱାରା ପରିଚାଳିତ ହେଉଥିଲା । ଏହି ନିୟମାବଳୀର ନିୟମ 25 (4) କୃଷି ନିର୍ଦ୍ଦେଶକଙ୍କୁ ଏକ ମାସର ବିଜ୍ଞପ୍ତି ଦେଇ ଜଣେ ଶିକ୍ଷାନବିସ ଥିବା ବ୍ୟକ୍ତିଙ୍କ ସେବା ସମାପ୍ତ କରିବାକୁ ଅନୁମତି ଦେଇଥାଏ ଯଦି ସେହି ବ୍ୟକ୍ତି ତାଙ୍କ ସୁଯୋଗର ପର୍ଯ୍ୟାପ୍ତ ଉପଯୋଗ କରିନାହାଁନ୍ତି କିମ୍ବା ଯଦି ସେ ଅନ୍ୟଥା ସନ୍ତୋଷ ଦେବାରେ ବିଫଳ ହୋଇଛନ୍ତି । ନିୟମ 25 (4) ଅନୁଯାୟୀ ଆବେଦନକାରୀଙ୍କ ସେବା ସମାପ୍ତ କରିବା, ଅନୁଚ୍ଛେଦ 311 ଅନୁଯାୟୀ ବହିଷ୍କାର କିମ୍ବା ସେବାରୁ ଅପସାରଣ ନୁହେଁ କାରଣ ଏହା ଆବେଦନକାରୀ ଉପରେ ଲାଗୁ ହୋଇଥିବା ସେବା ସର୍ତ୍ତାବଳୀର ସର୍ତ୍ତ ଅନୁଯାୟୀ ଥିଲା । ସିଦ୍ଧାନ୍ତରେ, ଆମେ କୌଣସି ବ୍ୟକ୍ତିର ସେବାଗୁଡିକର ଏକ ଚୁକ୍ତିର ସର୍ତ୍ତାବଳୀ ଅନୁସାରେ ସମାପ୍ତି ଏବଂ ତାଙ୍କର ସେବା ସର୍ତ୍ତାବଳୀ ଅନୁସାରେ ତାଙ୍କର ସେବାଗୁଡିକର ସମାପ୍ତି ମଧ୍ୟରେ କୌଣସି ସ୍ପଷ୍ଟ ଅନ୍ତର ଦେଖିପାରିବା ନାହିଁ । ଅଭିଯୋଗ କରାଯାଇଥିବା ଆଦେଶ ଅନୁଚ୍ଛେଦ 311ର ବ୍ୟବସ୍ଥାଗୁଡ଼ିକୁ ଉଲ୍ଲଙ୍ଘନ କରିନଥିଲା ଏବଂ ତେଣୁ ଏହା ଏକ ବୈଧ ଆଦେଶ ଥିଲା ।

କୌଣସି ବ୍ୟକ୍ତିଙ୍କ ଦ୍ୱାରା ଧାରଣ କରାଯାଇଥିବା ଅସ୍ଥାୟୀ ପଦବୀରୁ ହଟାଯିବା ଦ୍ୱାରା ତାଙ୍କ ପଦବୀରେ କୌଣସି ହ୍ରାସ ହୋଇନଥାଏ, କାରଣ ତାଙ୍କ ଦ୍ୱାରା ଧାରଣ କରାଯାଇଥିବା ଅସ୍ଥାୟୀ ପଦବୀ ତାଙ୍କର ପ୍ରକୃତ ପଦବୀ ନୁହେଁ । ଯେହେତୁ ଆବେଦନକାରୀ ତଥ୍ୟଗତ ଭାବେ ଏହା

---

[1] [1953 ] S.C.R. 655

[2] [1953] 1 S.C.R. 26.

ପ୍ରମାଣିତ କରିନାହାନ୍ତି ଯେ ତାଙ୍କ ବିରୋଧରେ ପଦାବନତି ଆଦେଶ ଏକ ଜୋରିମାନା ଭାବରେ ଥିଲା, ତେଣୁ କେଉଁ ପରିସ୍ଥିତିରେ ପଦାବନତିକୁ ପଦବୀରେ ହ୍ରାସ ବୋଲି ବିବେଚନା କରାଯିବ ଏହି ଆବେଦନର ଉଦ୍ଦେଶ୍ୟରେ ଏହା ନିର୍ଣ୍ଣୟ କରିବା ଆବଶ୍ୟକ ନୁହେଁ । ତେଣୁ ପଦାବନତି ଆଦେଶ, ଅନୁଚ୍ଛେଦ 311ର ବ୍ୟବସ୍ଥାଗୁଡ଼ିକୁ ଉଲ୍ଲଙ୍ଘନ କରିନଥିଲା ଏବଂ ଏହା ଏକ ବୈଧ ଆଦେଶ ଥିଲା ।

ସେହି ଅନୁଯାୟୀ ଆବେଦନକୁ ଖର୍ଚ୍ଚ ସହିତ ଖାରଜ କରାଯାଇଛି ।

*ଆବେଦନକୁ ଖାରଜ କରାଗଲା* ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।